# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 October - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଆଦିବାସୀଙ୍କ ଜୀବନଶୈଳୀରୁ ଶିକ୍ଷାକରି ଦେଶ ବିକାଶରେ ମହତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ - କହିଲେ ରାଷ୍ଟ୍ରପତି ।

- ବାତ୍ୟା ଦାନାର ପରବର୍ତ୍ତୀ ସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

\- ପୁନରୁଦ୍ଧାର କାର୍ଯ୍ୟ ଆଜି ସଂଧ୍ୟାସୁଦ୍ଧା ଶେଷ ବୋଲି ସୂଚନା ଦେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।

- ଅଣମାନ୍ୟତାପ୍ରାପ୍ତ ହେଲମେଟ ନିର୍ମାତା ଏବଂ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗର ନିର୍ଦ୍ଦେଶ ।

ଏବଂ

- ଆସନ୍ତା ମାସ ୧୨ରୁ ୧୪ ତାରିଖ ଯାଏଁ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ।

## ପ୍ରେଜ୍ ଛତିଶଗଡ଼ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଆଦିବାସୀମାନେ ପ୍ରାକୃତିକ ଜୀବନଶୈଳୀ ଦ୍ୱାରା ପରିଚାଳିତ ଜ୍ଞାନର ଭଣ୍ଡାର ଅଟନ୍ତି । ଆଇଆଇଟି ଭିଲାଇର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ଆଦିବାସୀ ଲୋକଙ୍କ ଜୀବନଶୈଳୀରୁ ଶିକ୍ଷାକରି ଦେଶର ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରାଯାଇ ପାରିବ । ସେ କହିଛନ୍ତି ଆଦିବାସୀ ଲୋକମାନେ ବିକାଶ ପ୍ରକ୍ରିୟାରେ ସହଭାଗୀ ହୋଇପାରିଲେ ଦେଶର ସଂପୂର୍ଣ୍ଣ ବିକାଶ ସମ୍ଭବ ।

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ଦାନାର ପରବର୍ତ୍ତୀ ସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଏସ୍ଆର୍ସି ବି.କେ. ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ବାତ୍ୟା ଦାନା ସମୀକ୍ଷା

ସାମୁଦ୍ରିକ ବାତ୍ୟା ଦାନା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଆଜି ସଂଧ୍ୟା ସୁଦ୍ଧା ପୁନଃରୁଦ୍ଧାର କାର୍ଯ୍ୟ ଶେଷ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଲଗାଣ ବର୍ଷା ପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି । କେତେକ ଘର ଆଂଶିକ ଏବଂ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦୁଇଟି ଟାୱାର ନଷ୍ଟ ହୋଇଛି । ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରାଯିବ । କେନ୍ଦ୍ରୀୟ ଟିମ୍ କ୍ଷତିର ତଦନ୍ତ ପାଇଁ ଓଡ଼ିଶା ଗସ୍ତରେ ଆସିବେ । ଇତିମଧ୍ୟରେ ୨୨ଲକ୍ଷ ଲୋକଙ୍କୁ ବିଜୁଳି ସଂଯୋଗ ଦିଆଯାଇ ସାରିଲାଣି । ବାକିଥିବା ସଂଯୋଗ କାର୍ଯ୍ୟ ଆଜି ସଂଧ୍ୟାସୁଦ୍ଧା ଶେଷ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି । ୭ ଦିନ ପର୍ଯ୍ୟନ୍ତ ଆଶ୍ରୟସ୍ଥଳୀ ଗୁଡ଼ିକରେ ଲୋକଙ୍କ ରହିବା ସହ ଅନ୍ୟାନ୍ୟ ସୁବିଧା ମଧ୍ୟ କରାଯାଇଛି । କର୍ତ୍ତବ୍ୟରେ ଅବହେଳା କରିଥିବାରୁ ୪ଜଣ ସରକାରୀ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି । ସେଥିମଧ୍ୟରେ ୩ଜଣ ପି.ଇ.ଓ ଏବଂ ଜଣେ ଆର୍‌ଆଇ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

ପ୍ରାଥମିକ ଆକଳନ ଅନୁଯାୟୀ ରାଜ୍ୟରେ ବାତ୍ୟାଯୋଗୁଁ ଅଣାଅଶୀ ହଜାର ୬୭୧ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।

କେନ୍ଦ୍ରାପଡା ଜିଲ୍ଲାରେ ୨୩ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ରାଜକନିକା, ଆଳି, ମହାକାଳପଡା ବ୍ଲକରେ ସର୍ବାଧିକ କ୍ଷତି ହୋଇଥିବା ସୂଚନା ମିଳିଛି । ସେହିପରି ଭଦ୍ରକ ଜିଲ୍ଲାରେ ୨୪ହଜାର ୧୧୫ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଛି । ବାସୁଦେବପୁର, ଚାନ୍ଦବାଲି, ଭଣ୍ଡାରୀପୋଖରୀ ଏବଂ ଧାମନଗରରେ କ୍ଷତି ଅଧିକ ହୋଇଛି । ବାଲେଶ୍ୱରରେ ୩ହଜାର ୧୪୦ ହେକ୍ଟର, ମୟୂରଭଞ୍ଜରେ ୨ହଜାର ୩୮୧ହେକ୍ଟର, ଯାଜପୁରରେ ୨ହଜାର ୭୦୯ ହେକ୍ଟର, ଜଗତ୍‌ସିଂହପୁରରେ ୨ହଜାର ୪୯୮ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

ତେବେ ସେହିସବୁ ଅଞ୍ଚଳରେ ବର୍ଷା କମିବା ପରେ କ୍ଷତ୍ରିୟ ତଦନ୍ତ ଦ୍ୱାରା ସବିଶେଷ ରିପୋର୍ଟ ପ୍ରସ୍ତୁତ କରାଯାଇପାରିବ । ଏସ୍‌ଆର୍‌ସିଙ୍କ ମାର୍ଗଦର୍ଶିକା ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ । ଡିବିଟି ମାଧ୍ୟମରେ ଲୋକଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

ବାଲେଶ୍ୱରରେ ବାତ୍ୟା କ୍ଷୟକ୍ଷତିର ଆକଳନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାତ୍ୟା ପରବର୍ତ୍ତୀ ସ୍ଥିତି ଏବଂ କ୍ଷୟକ୍ଷତିର ଆକଳନ ନେଇ ବିସ୍ତୃତ ଆଲୋଚନା ହୋଇଛି । ବୈଠକରେ ସାଂସଦ ପ୍ରତାପ ଷଡ଼ଙ୍ଗୀ, ବିଧାୟକ ସନ୍ତୋଷ

ଖଟୁଆ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ ।

ଭଦ୍ରକ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ କ୍ଷତ୍ରିୟ ସମୀକ୍ଷା ଚାଲିଛି । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରଭାବିତ ଅଞ୍ଚଳକୁ ଯାଇ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପରିଦର୍ଶନ କରିଛନ୍ତି ।

ଭୁବନେଶ୍ୱରଠାରେ ଆଜି ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି । ବୈଠକରେ ବିଭାଗୀୟ ଉଚ୍ଚ ପଦାଧିକାରୀ ଯୋଗଦେଇ ଆଲୋଚନା କରିଛନ୍ତି । ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକୁ ପରିଚାଳନା କରିବାକୁ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଆଜି ସକାଳ ୮ଟା ସୁଦ୍ଧା ଭଦ୍ରକ ଜିଲ୍ଲାର ଧାମନଗରଠାରେ ୨୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଭଣ୍ଡାରୀପୋଖରୀରେ ୨୦୮ ମିଲିମିଟର, ବାଲେଶ୍ୱର ଜିଲ୍ଲା ଔପଦାଠାରେ ୨୪୦ ମିଲିମିଟର, ଖଇରାଠାରେ ୨୦୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଦେଖାଦେଇଛି । ନୀଳଗିରି ଓ ରେମୁଣାରେ ୧୦ ଗ୍ରାମ ଜଳବନ୍ଦୀ ରହିଛନ୍ତି । ବୁଢ଼ାବଳଙ୍ଗ ଏବଂ ସୋନ ନଦୀରେ ଜଳସ୍ତର ବୃଦ୍ଧିପାଇବାରେ ଲାଗିଛି । ବାଲେଶ୍ୱର ପୌରାଞ୍ଚଳର କିଛି ଲୋକଙ୍କ ଘରେ ବନ୍ୟା ଜଳ ପ୍ରବେଶ କରିଥିବା ଜଣାପଡି । ତେବେ ବାତ୍ୟା ଦାନା ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ଜନଜୀବନ ବ୍ୟାହତ ହୋଇଛି ।

## ଶାଳିନୀ ପଣ୍ଡିତଙ୍କ ନିର୍ଦ୍ଦେଶ

ବାତ୍ୟା ପ୍ରଭାବରେ ବିଦ୍ୟାଳୟ କୋଠା ଏବଂ ଭିତ୍ତିଭୂମି ନଷ୍ଟ ସଂକ୍ରାନ୍ତ ରିପୋର୍ଟ ଯଥାଶୀଘ୍ର ଦାଖଲ କରିବାକୁ ସ୍କୁଲ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଅବଗତ କରାଯାଇଛି । ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଗଞ୍ଜାମ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଅନୁଗୁଳ ଏବଂ ନୟାଗଡର ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ଏନେଇ ରିପୋର୍ଟ ମଗାଯାଇଥିବା ଜଣାପଡିଛି ।

## ପାଣିପାଗ

ବାତ୍ୟା ଦାନା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ଅବପାତରେ ପରିଣତ ହୋଇ ଏବେ ଉତ୍ତର ଓଡ଼ିଶା ମୁହାଁ ହୋଇଥିବା ବେଳେ ଏହା ପଶ୍ଚିମ ଦିଗରେ ଗତି କରୁଛି । ଆସନ୍ତା ୧୨ ଘଣ୍ଟାରେ ଏହା ଆହୁରି ଦୁର୍ବଳ ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

# ଭୋଟର ତାଲିକା ବୈଠକ

ନୟାଗଡ ଜିଲ୍ଲାରେ ନୂତନ ଭୋଟର ତାଲିକା ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ୧୭ରୁ ୧୮ ବର୍ଷ ମଧ୍ୟରେ ଥିବା ଯୁବବର୍ଗଙ୍କ ପଞ୍ଜିକରଣ ପାଇଁ ଜାନୁଆରୀ, ଏପ୍ରିଲ, ଜୁଲାଇ ଏବଂ ଅକ୍ଟୋବର ପହିଲାକୁ ସମୟସୀମା ଭାବେ ନିର୍ଦ୍ଧାରିତ କରାଯାଇଛି । ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ପଞ୍ଜିକରଣ ଆଦି ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହେବା ସହ ଜାନୁଆରୀ ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଁ ନିଷ୍ପତ୍ତି ନିଆଯାଇଛି ।

# ସୁରଭି ଶିଶୁ ମହୋତ୍ସବ

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଆସନ୍ତାମାସ ୧୨ରୁ ୧୪ ତାରିଖ ଯାଏଁ ଅନୁଷ୍ଠିତ ହେବ । ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଚଳିତବର୍ଷ ସୁରଭିର ମୁଖ୍ୟ ପ୍ରସଙ୍ଗ ରହିଛି 'ଓଡ଼ିଶାରେ ଲୋକକଳା' । ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାରୁ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏଥିରେ ୩୦ଟି ଜିଲ୍ଲାର ୨ହଜାର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ସହାୟକ ଶିକ୍ଷକ ଯୋଗଦେବେ ।

## ରାଜ୍ୟ ପୁସ୍ତକ ମହୋତ୍ସବ

ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଅକ୍ଷର ଆସନ୍ତା ଡିସେମ୍ବର ୬ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ୧୨ ଦିନ ଧରି ଚାଲିବ । ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ କମିଟି, ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ ସହଯୋଗରେ ଏହି ମହୋତ୍ସବ ଆୟୋଜନ କରାଯିବ । ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡକ୍ଟର ବିଜୟ କେତନ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ମହୋତ୍ସବ ଆୟୋଜନ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି ।

## କଞ୍ଜୁମର ଆଫେୟାର -ହେଲ୍‌ମେଟ୍

କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ଦେଶର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ମାଜିଷ୍ଟ୍ରେଟମାନଙ୍କୁ ଅଣମାନ୍ୟତାପ୍ରାପ୍ତ ହେଲ୍‌ମେଟ୍ ନିର୍ମାତା ଏବଂ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛି । ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ବ୍ୟବହାର କରୁଥିବା ହେଲମେଟ୍ ନିର୍ମାଣ ଓ ବିକ୍ରୟ କ୍ଷେତ୍ରରେ ଏହି ପଦକ୍ଷେପ ନେବା ପାଇଁ କୁହାଯାଇଛି । ସୁରକ୍ଷା ଦୃଷ୍ଟିରୁ ଦୁଇଚକିଆ ବାହାନ ଚାଳକମାନେ ବ୍ୟବହାର କରୁଥିବା ହେଲମେଟ୍ ଗୁଡ଼ିକ ଉପଭୋକ୍ତା ମନ୍ତ୍ରଣାଳୟର ମାନଦଣ୍ଡ ପୂରଣ କରୁନଥିବା ଜଣାପଡ଼ିବା ପରେ ଏହି ନିର୍ଦ୍ଦେଶନାମା ଜାରି

କରାଯାଇଛି । ବିଭାଗୀୟ ସଚିବ ନିଧି ଖରେ କହିଛନ୍ତି ବଜାରରୁ ନିମ୍ନମାନର ହେଲମେଟ୍ ହଟାଇବା ଏବଂ ଉପଭୋକ୍ତାମାନଙ୍କୁ ବି.ଆଇ.ଏସ୍. ପ୍ରମାଣିତ ଉତ୍ପାଦ ବ୍ୟବହାର ଲାଗି ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ । ଦେଶର ନାଗରିକଙ୍କ ସୁରକ୍ଷା ଲାଗି ସମସ୍ତେ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ବିଭାଗୀୟ ସଚିବ ଆହ୍ୱାନ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ଅନ୍ତର୍ଗତ ଛାତ୍ର ନେତୃତ୍ୱ ପୁରସ୍କାର ପାଇଁ ଆସନ୍ତା ସୋମବାରଠାରୁ ପ୍ରକ୍ରିୟା ଆରମ୍ଭ ହେବ । ଓସେପା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କମିଟିରେ ପ୍ରଧାନଶିକ୍ଷକଙ୍କ ବ୍ୟତୀତ ଜଣେ ବରିଷ୍ଠ ଶିକ୍ଷକ ଓ ଛାତ୍ରଛାତ୍ରୀ ସଦସ୍ୟ ରହିବେ । ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନିୟମିତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ନେତୃତ୍ୱ ପୁରସ୍କାର ପାଇଁ ଚୟନ କରାଯିବ ।